ନିରନ୍ତର ସାମଗ୍ରିକ ମୂଲ୍ୟାୟନ (ସି.ସି.ଇ) ସମ୍ବନ୍ଧରେ ପିତା- ମାତାଙ୍କର କିଛି ପ୍ରଶ୍ନ :

୧. ଯଦି ସି.ସି.ଇ କାରଣରୁ ଲିଖିତ ପରୀକ୍ଷା ନ କରାଯାଏ, ତାହେଲେ ଆମକୁ କିପରି ଜଣାପଡ଼ିବ କି ପିଲାମାନେ କ'ଣ ଶିଖିଲେ ?

ସି.ସି.ଇ ମାନେ ପିଲାମାନଙ୍କର ମୂଲ୍ୟାୟନ ବର୍ଷ ଶେଷରେ ନ ହୋଇ ବାରମ୍ବାର ହେବା ଉଚିତ୍ । ପିଲାମାନଙ୍କୁ ନିରୀକ୍ଷଣ କରିବା, ବୁଝିବା ଏବଂ ସେମାନଙ୍କର ଅସୁବିଧାକୁ ଚିହ୍ନଟ କରିବା ପାଇଁ ଶିକ୍ଷକ ବିଭିନ୍ନ ପ୍ରକାର ଗତିବିଧି, ପ୍ରଶ୍ନ ଏବଂ ପ୍ରକଳ୍ପ ବ୍ୟବହାର କରନ୍ତି । ଯଦି ଦରକାର ପଡ଼େ ବେଳେବେଳେ ଲିଖିତ ପରୀକ୍ଷା ଦ୍ୱାରା ମଧ୍ୟ ପିଲାଙ୍କ ଶିକ୍ଷଣ ମୂଲ୍ୟାୟନ କରିପାରିବେ – କିନ୍ତୁ ଏହା କୌଣସି ଭୟ କିମ୍ବା ଝଟ ବିନା ହେବା ଉଚିତ ଏବଂ ପରୀକ୍ଷାର ଫଳାଫଳ ପିଲାକୁ ଆଗକୁ ବଢ଼ିବା ପାଇଁ ସାହାଯ୍ୟକାରୀ ଭାବରେ ବ୍ୟବହାର ହେବା ଉଚିତ୍ ।

୨. ଫେଲ ନ କରିବା ନୀତି ହେତୁ, ପିଲାମାନେ କିଛି ନ ଶିଖିଲେ ବି ପରବର୍ତ୍ତୀ ଶ୍ରେଣୀ କୁ ଉତ୍ତୀର୍ଣ୍ଣ ହୋଇପାରିବେ କି ?

ଫେଲ ନ କରିବାର ମାନେ ପାଠ ନ ପଢ଼ିବା ନୁହେଁ, ପିଲାକୁ ଆବଶ୍ୟକ ସମୟରେ ଦରକାର ମୁତାବକ ସାହାଯ୍ୟ ଯୋଗାଇଦେବା ନିରନ୍ତର ସାମଗ୍ରିକ ମୂଲ୍ୟାୟନ ର ଲକ୍ଷ୍ୟ, ଯଦ୍ୱାରା ଏହା ସୁନିଶ୍ଚିତ ହେବ କି ପିଲା ନିଜ ଶ୍ରେଣୀରେ ଦିଆଯାଇଥିବା ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆଗକୁ ବଢ଼ିପାରିବ । ବର୍ଷର ଶେଷ ପର୍ଯ୍ୟନ୍ତ ଶିକ୍ଷକ ବ୍ୟକ୍ତିଗତ ଚେଷ୍ଟାରେ ପିଲାକୁ ସୁନିଶ୍ଚିତ କରିବେ କି ସେ ଆଗାମୀ ଶ୍ରେଣୀକୁ ଯିବାପାଇଁ ଯୋଗ୍ୟ ଅଛି । ଏହା ପରିବର୍ତ୍ତେ, ପିଲାମାନଙ୍କୁ ପଢ଼ିବା ପାଇଁ ସୁଯୋଗ ଦେବା ବଦଳରେ, ଫେଲ କରିବା ଦ୍ୱାରା, ସେ ଅପମାନିତ ହୋଇଥାଏ, ଆତ୍ମ ବିଶ୍ୱାସ ହରାଇଥାଏ, ଏବଂ ହତୋତ୍ସାହିତ ହୋଇ ସ୍କୁଲ ଛାଡ଼ିବା ପାଇଁ ବାଧ ହୋଇଥାନ୍ତି । ପିଲାଙ୍କର କୌଣସି ତ୍ରୁଟି ନ ଥାଇ ସେମାନଙ୍କୁ ଦଣ୍ଡ ଦେବା ଠିକ୍ ନୁହେଁ । କାରଣ ଶିକ୍ଷଣ ପରିବେଶରେ ବା ପ୍ରକ୍ରିୟା ରେ ଅସୁବିଧା ଥାଇପାରେ ।

୩. ଯଦି ବାର୍ଷିକ ପରୀକ୍ଷା ନ ହେବ, ଏବଂ ପିଲାମାନେ ଫେଲ୍ ହେବେ ନାହିଁ, ତା' ହେଲେ ସୁଝରୁ ରୂପେ ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କ ଉତ୍ତରଦାୟୀତ୍ୱ କମିଯିବ କି ?

ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ, ପିଲାମାନଙ୍କର ପାଠପଢ଼ା ପାଇଁ ଶିକ୍ଷକଙ୍କୁ ଉତ୍ତରଦାୟୀ ରଖାଯାଇଛି, ଏହି ଅଧିନିୟମର ଧାରା ୨୪ ଅନୁସାରେ, ସମସ୍ତ ଶିକ୍ଷକ ପ୍ରତିଦିନ ସମୟାନୁସାରେ ସ୍କୁଲକୁ ଆସିବେ, ସମୟାନୁସାରେ ପାଠ୍ୟଯନ ପୁରା କରିବେ, ସବୁ ପିଲାଙ୍କର ପ୍ରଗତି ର ମୂଲ୍ୟାୟନ ଶତ ପ୍ରତିଶତ ଏବଂ ସମଗ୍ରରୂପରେ ହେବ, ଯେଉଁ ପିଲାଙ୍କୁ ଅତିରିକ୍ତ ସାହାଯ୍ୟ ଦରକାର ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବେ, ଏବଂ ପିଲାଙ୍କର ପ୍ରଗତି ବିଷୟରେ ସେମାନଙ୍କର ପିତା-ମାତା ଙ୍କ ସହିତ ଆଲୋଚନା କରିବେ । ନିରନ୍ତର ସାମଗ୍ରିକ ମୂଲ୍ୟାୟନ କିପରି କରିବେ, ତାହା ବିଦ୍ୟାଳୟ ବ୍ୟବସ୍ଥା ଦ୍ୱାରା ଶିକ୍ଷକଙ୍କୁ ଶିକ୍ଷାଭିତ୍ତିକ ସହଯୋଗ ଏବଂ ତାଲିମ ଯୋଗାଇ ଦିଆଯିବ, ଏହା ସହିତ ଗତିବିଧି, ପରିଯୋଜନା, ସମସ୍ତ ବିବରଣୀ ଦ୍ୱାରା ସବୁପିଲା ପଢ଼ନ୍ତୁ ଏବଂ ଶିଖନ୍ତୁ ତାହା ଆକଳନ କରିପାରିବେ ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନରେ ମାତା-ପିତାଙ୍କର ଭୂମିକା :

ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ଶିଶୁ କୈନ୍ଦ୍ରିକ ଏବଂ ଉତ୍ତମ କିସମର ଶିକ୍ଷା ସବୁ ପିଲାଙ୍କର ମୌଳିକ ଅଧିକାର ଅଟେ । ଯାହାର ଅର୍ଥ, ସବୁ ସ୍କୁଲରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ (ସି.ସି.ଇ) ଲାଗୁ କରିବାକୁ ହେବ, ଯଦ୍ୱାରା ସବୁ ପିଲାଙ୍କୁ ଭଲଭାବରେ ପଢ଼ିବା ପାଇଁ ସହାୟତା ମିଳିପାରିବ । କାରଣ ଏହା ଏକ ପଦ୍ଧତି ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବରେ ପ୍ରଚଳନ କରିବାରେ କିଛି ସମୟ ଲାଗିବ, ତେଣୁ ଅଭିଭାବକ ହିସାବରେ, ଆପଣମାନେ ମଧ୍ୟ ଏଥିରେ ଯୋଗ କରିପାରିବେ ।

ସାରା ବିଶ୍ୱରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ ଖୁବ୍ ଉପଯୋଗୀ ହୋଇପାରିଛି କାରଣ – ଆପଣମାନଙ୍କ ଭଳି ମାତା-ପିତା ମାନେ ଏହାକୁ କିପରି ପ୍ରଚଳନ କରାଯାଉଛି ତା'ର ଧ୍ୟାନ ରଖିଛନ୍ତି । ନିରନ୍ତର ସାମଗ୍ରିକ ମୂଲ୍ୟାୟନ (ସି.ସି.ଇ) ବିଦ୍ୟାଳୟ ଏବଂ ପିତା ମାତାଙ୍କର ସହଭାଗିତାରେ ପର୍ଯ୍ୟବେଶିତ, ଫଳରେ ସମସ୍ତେ ମିଶି ପିଲାମାନଙ୍କ ସଫଳତା ପାଇଁ ସହଯୋଗ କରି ପାରିବେ । ନିମ୍ନଲିଖିତ ଉପାୟରେ ଆପଣମାନେ ସାହାଯ୍ୟ କରିପାରିବେ :

- ପିଲାଟି ବିଦ୍ୟାଳୟରେ କ'ଣ ଶିଖିଲା ତାକୁ ନିୟମିତ ପଢ଼ରି ବୁଝନ୍ତୁ, ଏହା ପିଲାଙ୍କୁ ଆହରି ଭଲ ପଢ଼ିବାରେ ସାହାଯ୍ୟ କରିଥାଏ ।
- ପିଲାମାନଙ୍କରର ପ୍ରଗତି ସମ୍ବନ୍ଧରେ ଜାଣିବା ପାଇଁ ସେମାନଙ୍କର ଖାତା ଏବଂ ଗୃହକାର୍ଯ୍ୟକୁ ନିରୀକ୍ଷଣ କରନ୍ତୁ ।
- ନିଜ ପିଲାକୁ ନିୟମିତ ଭାବରେ ବିଦ୍ୟାଳୟକୁ ଯିବା ପାଇଁ ଏବଂ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମ – ଖେଳକୁଦରେ ଭାଗନେବା ପାଇଁ ଉତ୍ସାହିତ କରନ୍ତୁ ।
- ଏହା ସୁନିଶ୍ଚିତ କରେଇବା କି, ଶିକ୍ଷକ ନିୟମିତ ବ୍ୟବଧାନରେ ଅଭିଭାବକ- ଶିକ୍ଷକ ସଭା ଆୟୋଜନ କରିବେ, ଯେଉଁଠାରେ ଆପଣ ଆପଣଙ୍କ ପିଲାର ଶ୍ରେଣୀ ଶିକ୍ଷକଙ୍କୁ ପଢ଼ରି ବୁଝିପାରିବେ ଶିକ୍ଷଣର ଲକ୍ଷ୍ୟ ବିଷୟରେ, ଆପଣଙ୍କ ପିଲାକୁ କିପରି ପଢ଼ାଯାଉଛି, ଏବଂ ଶିକ୍ଷକ କେମିତି ନିର୍ଦ୍ଧାରଣ କଲେ ଯେ ଆପଣଙ୍କ ପିଲା ଶିଖିପାରୁଛି ।
- ଯଦି ଆପଣଙ୍କ ପିଲାର ଶିଖିବାରେ କିଛି ଅସୁବିଧା / ସମସ୍ୟା ଆସୁଅଛି, ତେବେ ଶିକ୍ଷକ ସହିତ ଆଲୋଚନା କରନ୍ତୁ କି, ଏହାର କାରଣ କ'ଣ ହୋଇପାରେ ଏବଂ କେମିତି ମିଶିକରି ଏହି ସମସ୍ୟା କୁ ଦୂର କରାଯାଇପାରିବ ।

ଏଥିରେ କେବଳ ଆପଣଙ୍କ ପିଲାର ପ୍ରଗତି ଅଧିକ ସହାୟକ ହେବ ନାହିଁ ବରଂ ଶିକ୍ଷକ ବି ଖୁସି ହେବେ, ଯେ ସେମାନଙ୍କ ପ୍ରୟାସ ଅଭିଭାବକଙ୍କ ସମ୍ମୁଖକୁ ଆସିପାରିଛି ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନ ବିଦ୍ୟାଳୟ ଏବଂ ଅଭିଭାବକଙ୍କ ସହଭାଗିତାକୁ ପ୍ରୋତ୍ସାହିତ କରିଥାଏ ଯେପରି ଆପଣ, ଆପଣଙ୍କ ପିଲାକୁ ସଫଳ ହେବାରେ ସାହାଯ୍ୟ କରିପାରିବେ ।

ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ

ସବୁପିଲା ଶିଖନ୍ତୁ

unicef

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡିଶା, ଭୁବନେଶ୍ୱର

ଜଣେ ଅଭିଭାବକ ହିସାବରେ ଆମେ ଚାହୁଁ ଆମ ଶିଶୁର ସର୍ବୋତ୍ତମ ଶିକ୍ଷା, ଯାହାକି ଜଣେ ଉତ୍ତମ ନାଗରିକ ହେବା ସହିତ ସଫଳ ଜୀବିକା ନିର୍ବାହ କରିବାରେ ସହାୟକ ହୋଇଥାଏ । ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ଆଇନ (୨୦୧୦) ଅନୁସାରେ ସମସ୍ତ ବିଦ୍ୟାଳୟ ଶିଶୁ- କୈନ୍ଦ୍ରିକ ହେବା ସହିତ, ଏଠାରେ ପିଲାମାନେ ଖୁସି, ଆଶ୍ୱସ୍ତି, ସମ୍ମାନିତ ଏବଂ କୌଣସି ଭୟ ବିନା ପାଠପଢ଼ାର ମଜା ନେଇପାରିବେ । ଏହି କାର୍ଯ୍ୟକ୍ରମ ଗୁଡ଼ିକ ଦ୍ୱାରା ଶିକ୍ଷାକୁ ପିଲାମାନଙ୍କ ଜୀବନ ସହିତ ଯୋଡ଼ାଯାଇପାରେ, ଯାହାଦ୍ୱାରା ସେମାନଙ୍କୁ ନିରୀକ୍ଷଣ କରିବା, ପ୍ରଶ୍ନ ପଚାରିବା, ଚର୍ଚ୍ଚା କରିବା, ଚିନ୍ତା କରିବା ଏବଂ କିଛି ନୂଆ କରିବା ପାଇଁ ପ୍ରେରଣା ମିଳିଥାଏ ।

ସର୍ବୋପରି ଶିକ୍ଷାର ଏହିସବୁ ଦିଗଗୁଡ଼ିକ ସାଧାରଣତଃ କାଗଜ କଲମରେ ଆକଳନ କରିହୁଏ ନାହିଁ, ଏଥିପାଇଁ ବାଧ୍ୟତାମୂଳକ ଶିକ୍ଷା ନିୟମ ଅନୁସାରେ ସମସ୍ତ ବିଦ୍ୟାଳୟରେ ଏକ ନୂଆ ମୂଲ୍ୟାୟନ ପଦ୍ଧତିର ପ୍ରଚଳନ କରାଯାଇଅଛି, ଯାହାକୁ ନିରନ୍ତର ସାମଗ୍ରିକ ମୂଲ୍ୟାୟନ କୁହାଯାଏ । ଦେଖାଯାଇଛି, ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପିଲାର ସାମଗ୍ରିକ ବିକାଶ ହେବାରେ ଏକ ଚିନ୍ତାମୁକ୍ତ ପରିବେଶ ସୃଷ୍ଟି କରିଥାଏ ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନ କ'ଣ ?

ନିରନ୍ତର ମୂଲ୍ୟାୟନ ହେଉଛି, ପିଲାମାନେ କ'ଣ ଶିକ୍ଷାକଲେ, ତାହା ଜାଣିବା ପାଇଁ ଆମେ ବର୍ଷଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ନାହିଁ, ପିଲାମାନେ କ'ଣ ଶିଖୁଛନ୍ତି, ତାହା ଶିକ୍ଷକମାନେ ପ୍ରତିଦିନ ଶିକ୍ଷକତା କରିବା ସମୟରେ ଆକଳନ କରିପାରିବେ, ଯଥା- ପିଲାମାନଙ୍କର ସହଭାଗିତା ଆକଳନା କରିବା, ପ୍ରଶ୍ନ ପଚାରିବା ଦ୍ୱାରା, କାର୍ଯ୍ୟକ୍ରମ କରିବା ଦ୍ୱାରା ଏବଂ ଛୋଟ ଛୋଟ ପ୍ରୋଜେକଟ୍ ମାଧ୍ୟମରେ । ଏହାଦ୍ୱାରା ପିଲାମାନେ ପାଠପଢ଼ାରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ଶିକ୍ଷକ ମାନେ ତାହା ସହଜରେ ଜାଣିପାରିବେ, ଏବଂ ବ୍ୟକ୍ତିଗତ ସ୍ତରରେ ତାକୁ ସାହାଯ୍ୟ କରିପାରିବେ । ଏହାଦ୍ୱାରା ଶିକ୍ଷକ କେଉଁ ବିଷୟରେ ସୁଧାର ଆଣିବାକୁ ପଡ଼ିବ ବା ପଢ଼େଇବା ଶୈଳୀରେ କ'ଣ ପରିବର୍ତ୍ତନ କରିବାକୁ ପଡ଼ିବ, ତାହା ଅତି ଶୀଘ୍ର ଜାଣି ପାରିଥା'ନ୍ତି ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପିଲାମାନଙ୍କର ସାମଗ୍ରିକ ବିକାଶ କରିବାରେ ସହାୟକ ହୋଇଥାଏ ।

ସାମଗ୍ରିକ ମୂଲ୍ୟାୟନ କହିଲେ, ଆମ ପିଲାମାନେ ପାଠ୍ୟ ପୁସ୍ତକରୁ କେତେ ମନେରଖିଲେ, ଆମର ଧ୍ୟାନ କେବଳ ସେଇଠି ନରହୁ । ଏହା କେବଳ, ପିଲାମାନେ ପାଠ୍ୟକ୍ରମ ହିସାବରେ ପାଠ ଶିକ୍ଷା କରିଛନ୍ତି କି ନାହିଁ, ତାହା ଆକଳନ କରିନଥାଏ, ବରଂ ଏହି ବିଷୟ ବସ୍ତୁକୁ ସେମାନେ କେତେ ଭଲଭାବରେ ବୁଝିଛନ୍ତି ଏବଂ କିପରି ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର କରିପାରିବେ, ତାହା ଆକଳନ କରିଥାଏ । ଏହା ମଧ୍ୟ ପିଲାର ଅନ୍ୟ ଦିଗ ଗୁଡ଼ିକର ସାମଗ୍ରିକ ବିକାଶର ଆକଳନ କରିଥାଏ । ଯଥା: ସେମାନଙ୍କର ଶିକ୍ଷା, ସାମର୍ଥ୍ୟ ଏବଂ ନେତୃତ୍ୱ ନେବାର କଳା, ଖେଳ, ସଙ୍ଗୀତ, ନୃତ୍ୟ, ଆଦିରେ ଦକ୍ଷତା ଏବଂ, ନାଟକ ପରିବେଷଣ ଦ୍ୱାରା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ସହଭାଗିତା ଇତ୍ୟାଦି । ପ୍ରତ୍ୟେକ ପିଲାର କୌଣସି ନା କୌଣସି କ୍ଷେତ୍ରରେ ବିଶେଷ ଭଲ କ୍ଷମତା ଥାଏ, ନିରନ୍ତର ସାମଗ୍ରିକ ମୂଲ୍ୟାୟନ ସେହି କ୍ଷମତା ଗୁଡ଼ିକୁ ବିକଶିତ କରିବାରେ ସହାୟକ ହୋଇଥାଏ ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନ କାହିଁକି ?

ପ୍ରଚଳିତ ପରୀକ୍ଷା ପଦ୍ଧତି ତୁଳନାରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପିଲାମାନଙ୍କର ପାଠପଢ଼ା ସମ୍ବନ୍ଧୀୟ ସହାୟତା ଏବଂ ତାର ସାମଗ୍ରି ବିକାଶ କରିବାରେ ନିଶ୍ଚିତ ରୂପେ ସହାୟକ ହୋଇଥାଏ ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପିଲାମାନଙ୍କୁ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବରେ ସାହାଯ୍ୟ କରିଥାଏ ।

ପ୍ରଚଳିତ ପରୀକ୍ଷା ପଦ୍ଧତି	ନିରନ୍ତର ସାମଗ୍ରିକ ମୂଲ୍ୟାୟନ (ସି.ସି.ଇ)
ବର୍ଷଶେଷରେ ପରୀକ୍ଷା ଦେବା, ଏହାଦ୍ୱାରା ପିଲାମାନଙ୍କର ଶିଖିବାରେ ସଂଶୋଧନ ପାଇଁ ବହୁତ ଦେରି ହୋଇଯାଇଥାଏ ।	ସାମଗ୍ରିକ ମୂଲ୍ୟାୟନ, ଏହା ପିଲାମାନଙ୍କ ଶିକ୍ଷଣ ସ୍ତରକୁ ଚିହ୍ନଟ କରିବା ସହିତ ସେମାନଙ୍କର ଶିକ୍ଷଣ ପାଇଁ ସହାୟକ ହୋଇଥାଏ ।
ପିଲାମାନଙ୍କୁ ପରୀକ୍ଷାର ଭୟ ସବୁବେଳେ ରହିଥାଏ ।	ଭୟ ଏବଂ ଚିନ୍ତାମୁକ୍ତ, ପିଲାମାନଙ୍କର ପରୀକ୍ଷା ପାଇଁ ଥିବା ଭୟ ଏବଂ ଚିନ୍ତା ଦୂର ହୋଇଥାଏ, ପିଲାମାନେ ଜାଣି ପାରିନଥା'ନ୍ତି ସେମାନଙ୍କର ମୂଲ୍ୟାୟନ କେବେ କରାଗଲା ।
ଅନେକ ସମୟରେ ପିଲାମାନଙ୍କ ଉପରେ ଦୋଷ ଲଦି ଦିଆଯାଇଥାଏ, ଯଦ୍ୱାରା ଅନେକ ପିଲା ଅସଫଳ ହେବା ସହିତ ହତୋତ୍ସାହ ହୋଇ ସ୍କୁଲ ଯିବା ବନ୍ଦ କରି ଦିଅନ୍ତି ।	ଏହି ଦ୍ୱାୟିତ୍ୱ ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରେ । ଶିକ୍ଷକ ପିଲାର ଶିକ୍ଷଣରେ ସହାୟତା କରେ ।
କେବଳ ବହିରୁ ମିଳୁଥିବା ବିଷୟ ଜ୍ଞାନ ଉପରେ ଜୋର ଦିଆଯାଏ ।	ଶିକ୍ଷଣଭିତ୍ତିକ ଉପଲବ୍ଧି ସହିତ ଏହା ସାମଗ୍ରିକ ବିକାଶ ଉପରେ ଜୋର ଦେଇଥାଏ, ଯେପରି କି ଖେଳ, କଳା, ସଙ୍ଗୀତ ଏବଂ ମୂଲ୍ୟବୋଧ ଇତ୍ୟାଦି ।
ପିଲାମାନଙ୍କର ପାଠପଢ଼ାରେ ପ୍ରଗତି କିପରି ହେଉଛି, ତାହା ଅଭିଭାବକ ମାନଙ୍କୁ ବର୍ଷ ଶେଷରେ ଜଣାପଡ଼ିଥାଏ ।	ଅଭିଭାବକ ମାନେ ନିୟମିତ ଭାବରେ ଶିକ୍ଷକଙ୍କୁ ଭେଟିବେ, ଏବଂ ବର୍ଷରେ ୨-୩ ଥର, ଏକାନ୍ତ ବସି ଶିକ୍ଷକମାନଙ୍କ ସହିତ ପିଲାମାନଙ୍କର ପ୍ରଗତି ଉପରେ ଆଲୋଚନା କରିବେ ।

ନିରନ୍ତର ସାମଗ୍ରିକ ମୂଲ୍ୟାୟନ (ସି.ସି.ଇ) କୁ କିପରି ଲାଗୁ କରିବା ?

୧. ବର୍ଷ ଆରମ୍ଭରୁ ପିଲାଟି କେଉଁ ସ୍ତରରେ ଅଛି, ଶିକ୍ଷକ ତାହା ଆକଳନ କରିବେ, ଏବଂ ପାଠ୍ୟଚର୍ଯ୍ୟା ଅନୁସାରେ ନିଜ ଶ୍ରେଣୀରେ ପଢ଼ାଇବା ପାଇଁ ବାସ୍ତବିକ ଲକ୍ଷ୍ୟ ଧାର୍ଯ୍ୟ କରିବେ, ଏପରି ଏକ ସୂଚୀ ପ୍ରସ୍ତୁତ କରିବେ, ଯାହା ପିଲାପାଇଁ କ'ଣ କରିବାକୁ ପଡ଼ିବ, ବର୍ଷର ଶେଷ ଭାଗ ପର୍ଯ୍ୟନ୍ତ ସେଥିରୁ ଜଣା ପଡ଼ିବ ।

୨. ପାଠପଢ଼ାର ଲକ୍ଷ୍ୟ ଅନୁସାରେ, ଶିକ୍ଷକ ଏପରି ଏକ ଯୋଜନା ପ୍ରସ୍ତୁତ କରିବେ, ଯେପରି କି ପିଲାମାନେ ବହୁତ ଗୁଡ଼ିଏ ଗତିବିଧି, ପଶ୍ନ ପଚାରିବା ଏବଂ ଆଲୋଚନା କରିବା ପାଇଁ ସୁଯୋଗ ପାଇବେ । ଯାହାଦ୍ୱାରା ପିଲାମାନେ କେତେପରିମାଣରେ ଭାଗ ନେଉଛନ୍ତି ଏବଂ ଶିକ୍ଷା ଗ୍ରହଣ କରୁଛନ୍ତି, ତାହା ଶିକ୍ଷକମାନେ ଅନୁଧ୍ୟାନ କରିପାରିବେ ।

୩. ବିଭିନ୍ନ କାର୍ଯ୍ୟକ୍ରମ, ପ୍ରଶ୍ନୋତ୍ତର, ପ୍ରୋଜେକ୍ଟ ଏବଂ ଛୋଟ ଛୋଟ ପରୀକ୍ଷା ଦ୍ୱାରା ଜଣେ ଶିକ୍ଷକ ନିୟମିତ ଅବଲୋକନ କରି କେଉଁ ପିଲାମାନେ ସେହି ସପ୍ତାହର ନିର୍ଦ୍ଧାରିତ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ ଏବଂ କେଉଁମାନଙ୍କୁ ଅଧିକ ସହଯୋଗ ଦରକାର ତାହା ପ୍ରତ୍ୟେକ ସପ୍ତାହ ଶେଷରେ ଲିପିବଦ୍ଧ କରିପାରିବେ ।

୪. ଆବଶ୍ୟକତା ଅନୁଯାୟୀ, ଶିକ୍ଷକ ତାଙ୍କର ପାଠପଢ଼ା ଶୈଳୀରେ ପରିବର୍ତ୍ତନ କରିବେ, ଏବଂ ଯେଉଁ ପିଲାମାନଙ୍କୁ ଅଧିକା ସାହାଯ୍ୟ ଆବଶ୍ୟକ, ସେମାନଙ୍କୁ କପରି ସହଯୋଗ କରିହେବ ସେଥିପାଇଁ ପ୍ରସ୍ତୁତ ରହିବେ । କେଉଁ କାରଣ ପାଇଁ ପିଲାଟିକୁ ସଂଘର୍ଷ କରିବାକୁ ପଡୁଛି, ଅନ୍ୟ ପିଲାମାନେ କିପରି ତାକୁ ସାହାଯ୍ୟ କରିପାରିବେ ସେ ସମ୍ବନ୍ଧରେ ଚିନ୍ତା କରିବେ । ବ୍ୟକ୍ତିଗତ ଭାବରେ ଧ୍ୟାନ ଦେବା, ସେମାନଙ୍କର ଅଭିଭାବକଙ୍କ ସାଙ୍ଗରେ ଆଲୋଚନା କରିବା କିମ୍ବା କିଛି ଗତିବିଧି ବା ଅଭ୍ୟାସ ଦେବେ ଯାହାଦ୍ୱାରା କି ପିଲାମାନେ ଶିଖିପାରିବେ ।

୫. ପ୍ରତ୍ୟେକ ପିଲାର ପ୍ରଗତିକୁ ଆଧାର କରି ଏକ ଲିଖିତ ବିବରଣୀ ତିଆରି କରିବେ ଏବଂ ଶିକ୍ଷକ ତାକୁ ସମୟ ସମୟରେ ଅଭିଭାବକଙ୍କ ସହିତ ଆଲୋଚନା କରିବେ । ଲିଖିତ ବିବରଣୀଟି ପିଲାର ପ୍ରତ୍ୟେକ ବିଷୟରେ ଶିକ୍ଷା ଭିତ୍ତିକ ପ୍ରଗତି, କେଉଁ ବିଷୟରେ ସେ ଭଲ ଏବଂ କେଉଁ ବିଷୟରେ ଅଧିକ ଧ୍ୟାନର ଆବଶ୍ୟକତା ରହିଛି ତା'ର ବାଖ୍ୟା ଦେବ । ଶିକ୍ଷକ, ଅଭିଭାବକଙ୍କ ସହିତ ପିଲାର ସଂପୂର୍ଣ୍ଣ ବିକାଶ ଉପରେ ଆଲୋକପାତ କରିବେ, ଯେପରି କି ଖାତାରେ ଲେଖାଯାଇଥିବା କାମ, ପ୍ରୋଜେକ୍ଟ, କଳା ଇତ୍ୟାଦି ଯଦ୍ୱାରା ଅଭିଭାବକ ମାନେ ହୃଦୟଙ୍ଗମ କରିପାରିବେ, ତାଙ୍କ ପିଲା କ'ଣ କରିବା ପାଇଁ ସକ୍ଷମ ।

ଶିକ୍ଷକଙ୍କର ନିୟମିତ ଆକଳନ ଏବଂ ସହଯୋଗ ପିଲାଟିକୁ ଭଲଭାବରେ ପଢ଼ିବାରେ ସାହାଯ୍ୟ କରିଥାଏ ।